**କାନ୍ତା ପ୍ରସାଦ ଡି. ପଟେଲ**

**ବନାମ**

**ବୃହତ୍ତର ବମ୍ବେ ମହାନଗର ନିଗମ ଏବଂ ଅନ୍ୟମାନେ**

**ଏପ୍ରିଲ 15, 1996**

**[କେ. ରାମସ୍ୱାମୀ ଏବଂ ଜି.ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]**

*ଅନଧିକୃତ ନିର୍ମାଣ — ପ୍ରାରମ୍ଭିକ ପର୍ଯ୍ୟାୟରେ ଜାରି ରଖିବା ପାଇଁ ଅନୁମତି ପ୍ରଦାନ କରାଯାଇଥିଲା — ପାଞ୍ଚ ବର୍ଷ ପରେ ଭଙ୍ଗ କରିବା ପାଇଁ ସୂଚନା ଜାରି — ଉଚ୍ଚ ନ୍ୟାୟାଳୟଙ୍କ ମତ ଯେ ଉକ୍ତ ନିର୍ମାଣ ଏପ୍ରିଲ 1, 1962 ପୂର୍ବରୁ ହୋଇଥିବା ନେଇ ନଥିପତ୍ରରେ କୌଣସି ପ୍ରମାଣ ନାହିଁ ଏବଂ ତେଣୁ ଏହାକୁ ଜାରି ରଖିବା ପାଇଁ ଅନୁମତି ଦିଆଯାଇପାରିବ ନାହିଁ — ନିର୍ଣ୍ଣୟ: ଆଦେଶରେ କୌଣସି ବେଆଇନତା ନାହିଁ ଯାହା ହସ୍ତକ୍ଷେପର ଆବଶ୍ୟକତା ରଖେ ।*

ଦେୱାନୀ ଅପିଲୀୟ କ୍ଷେତ୍ରାଧିକାରିତା: ଦେୱାନୀ ଅପିଲ ସଂଖ୍ୟା 7498/1996 ।

ଆଜ୍ଞାଦେଶ ଆବେଦନ ସଂଖ୍ୟା 1375/1988 ରେ ଆବେଦନ ସଂଖ୍ୟା 565/92 ରେ ବମ୍ବେ ଉଚ୍ଚ ନ୍ୟାୟାଳୟଙ୍କ 3.3.95 ତାରିଖର ରାୟ ଏବଂ ଆଦେଶ ବିରୁଦ୍ଧରେ ।

ଅପିଲକାରୀମାନଙ୍କ ପକ୍ଷରୁ ସଞ୍ଜୟ ପାରିଖ ।

ଉତ୍ତରଦାତାମାନଙ୍କ ପକ୍ଷରୁ ବି.ଏନ୍. ନାୟକ ଏବଂ ଡି.ଏନ୍. ମିଶ୍ର ।

ନ୍ୟାୟାଳୟଙ୍କ ଦ୍ୱାରା ନିମ୍ନଲିଖିତ ଆଦେଶ ପ୍ରଦାନ କରାଗଲା:

ଅନୁମତି ପ୍ରଦାନ କରାଗଲା ।

ଆମେ ଉଭୟ ପକ୍ଷର ବିଜ୍ଞ ଅଧିବକ୍ତାମାନଙ୍କ ଯୁକ୍ତି ଶୁଣିଛୁ ।

ବିଶେଷ ଅନୁମତି ଦ୍ୱାରା ଦାୟର ଏହି ଅପିଲ ବମ୍ବେ ଉଚ୍ଚ ନ୍ୟାୟାଳୟଙ୍କ ଦୁଇଜଣିଆ ନ୍ୟାୟମୂର୍ତ୍ତିଙ୍କ ଏକ ଖଣ୍ଡପୀଠଙ୍କ ଦ୍ୱାରା ମାର୍ଚ୍ଚ 3, 1995 ରେ ଅପିଲ ସଂଖ୍ୟା 565/92 ରେ ପ୍ରଦତ୍ତ ଆଦେଶରୁ ଉଦ୍ଭୁତ । ସ୍ୱୀକୃତ ତଥ୍ୟ ଅନୁଯାୟୀ, ଅପିଲକାରୀ 1965 ମସିହାରେ ଜଣେ ଏ.ଏମ୍. ପାଟିଲଙ୍କଠାରୁ ବିବାଦୀୟ ସ୍ଥଳ କ୍ରୟ କରିଥିବା ଏବଂ ସେଠାରେ କିଛି ଚାଳିଘର ନିର୍ମାଣ କରିଥିବା ଦାବି କରିଥିଲେ । ସେ ତାଙ୍କଠାରୁ ଏକ ଦଖଲ ମିଆଦି ଅନୁମତି ପତ୍ର ପାଇଥିବା ମଧ୍ୟ ଅଭିଯୋଗ

କରିଥିଲେ । ସେହି ଆଧାରରେ, ସେ ଦାବି କରିଥିଲେ ଯେ ଉକ୍ତ ନିର୍ମାଣ 1 ଏପ୍ରିଲ 1962 ପୂର୍ବରୁ ବିଦ୍ୟମାନ ଥିଲା । ଉତ୍ତରଦାତାମାନେ ତାହାକୁ ଭାଙ୍ଗିବା ପାଇଁ ଅପିଲକାରୀଙ୍କୁ ସୂଚନା ଜାରି କରିଥିଲେ । ପ୍ରାରମ୍ଭରେ ଉପ-ନଗରନିଗମ ଆୟୁକ୍ତ ଜାନୁଆରୀ 27, 1983 ତାରିଖର ଆଦେଶ ଦ୍ୱାରା ୩୦" x ୩୦" ମାପର ଏକ ଚାଳିଘର ରଖିବାକୁ ତାଙ୍କୁ ନିର୍ଦ୍ଦେଶ ଦେଇଥିଲେ କିନ୍ତୁ ଅନ୍ୟାନ୍ୟ ନିର୍ମାଣଗୁଡ଼ିକୁ ଭଙ୍ଗ କରିବାକୁ ନିର୍ଦ୍ଦେଶ ଦେଇଥିଲେ । 5 ବର୍ଷ ପରେ, ଅପିଲକାରୀଙ୍କୁ ସେହି ଚାଳିଘର ଭଙ୍ଗ କରିବାକୁ ସୂଚନା ଜାରି କରାଯାଇଥିଲା । ଏହାକୁ ଆପତ୍ତି କରି ଅପିଲକାରୀ ଆଜ୍ଞାଦେଶ ଆବେଦନ ଦାୟର କରିଥିଲେ। ଆଜ୍ଞାଦେଶ ଆବେଦନ ସଂଖ୍ୟା 1375/1988 ରେ, ବିଜ୍ଞ ଏକକ ବିଚାରପତି ନିର୍ଣ୍ଣୟ କରିଥିଲେ ଯେ ପୁନର୍ବିଚାର କ୍ଷମତାର ପ୍ରୟୋଗ *ପ୍ରକୃତତା* ସହିତ ଏକ ଯୁକ୍ତିଯୁକ୍ତ ସମୟ ମଧ୍ୟରେ କରାଯିବା ଉଚିତ । ଯଥେଷ୍ଟ ସମୟ ଅତିବାହିତ ହେବା ପରେ ପୁନର୍ବିଚାର କ୍ଷମତାର ପ୍ରୟୋଗ କରାଯାଇପାରିବ ନାହିଁ । ଖଣ୍ଡପୀଠ ଏହି ଆଦେଶକୁ ବାତିଲ କରି ମତ ଦେଇଛନ୍ତି ଯେ, ଅପିଲକାରୀ ଏପ୍ରିଲ୍ 1,1962 ପୂର୍ବରୁ ଉକ୍ତ ନିର୍ମାଣ କରିଥିବା ନେଇ ନଥିପତ୍ରରେ କୌଣସି ପ୍ରମାଣ ନାହିଁ । ସେହି ପରିସ୍ଥିତିରେ, ବେଆଇନ ଭାବେ ନିର୍ମିତ କୌଣସି ନିର୍ମାଣକୁ ଜାରି ରଖିବା ପାଇଁ ଅପିଲକାରୀଙ୍କୁ ଅନୁମତି ଦିଆଯାଇପାରିବ ନାହିଁ ।

ଅପିଲକାରୀଙ୍କ ପକ୍ଷରୁ ଏହି ଯୁକ୍ତି ଉପସ୍ଥାପନ କରିବାକୁ ଚେଷ୍ଟା କରାଯାଇଛି ଯେ, ଆକ୍ଷେପିତ ଆଦେଶରେ ଜାନୁଆରୀ 27, 1983 ରେ ଜଣେ ଅଧସ୍ତନ ଅଧିକାରୀଙ୍କ ଦ୍ୱାରା ପ୍ରଦତ୍ତ ଆଦେଶକୁ ପୁନର୍ବିଚାର କରିବା ପାଇଁ ଅତିରିକ୍ତ ଆୟୁକ୍ତଙ୍କର କୌଣସି କ୍ଷମତା ନାହିଁ ଏବଂ ତେଣୁ ଏହା ଏକ ଅସିଦ୍ଧ ଆଦେଶ ଅଟେ । ଆମେ ଏହି ଯୁକ୍ତିରେ କୌଣସି ସାରବତ୍ତା ପାଉନାହୁଁ । ଏହା ଏକ ତଥ୍ୟ ଭାବରେ ପ୍ରତିପାଦିତ ହେବା ଆବଶ୍ୟକ ଯେ ଅପିଲକାରୀଙ୍କର ସମ୍ପତ୍ତି ଉପରେ ମାଲିକାନା ସ୍ୱତ୍ୱାଧିକାର ଅଛି ଏବଂ ନିର୍ମାଣ କାର୍ଯ୍ୟ ବିଧି ସମ୍ମତ ଅନୁମତିର ଅନୁପାଳନରେ *ପ୍ରକୃତତା* ସହିତ କରାଯାଇଛି କିମ୍ବା ଏହା ଏପ୍ରିଲ୍ 1, 1962 ପୂର୍ବରୁ କରାଯାଇଥିଲା । ଏହା ଏକ ସ୍ୱୀକୃତ ତଥ୍ୟ ଯେ ଦଖଲ ମିଆଦି ଅନୁମତି ପତ୍ରରେ ମଧ୍ୟ କୌଣସି ନିର୍ମାଣର ଅସ୍ତିତ୍ୱ ସମ୍ବନ୍ଧରେ କୌଣସି ଉଲ୍ଲେଖ ନାହିଁ । ଚାଳିଘରର ଅସ୍ତିତ୍ୱ ଦର୍ଶାଇବା ପାଇଁ ବିଜ୍ଞ ଅଧିବକ୍ତା ଦେୱାନୀ ଅଦାଲତଙ୍କ ଦ୍ୱାରା ପ୍ରଦତ୍ତ ଏକ ଆଦେଶ ଏବଂ 1966 ମସିହାରେ ଦାୟର କରାଯାଇଥିବା ପଟ୍ଟାଦାତାଙ୍କ ସତ୍ୟପାଠ ଉପରେ ନିର୍ଭର କରିବାକୁ ଚାହିଁଥିଲେ । ଉଚ୍ଚ ନ୍ୟାୟାଳୟଙ୍କ ନିଷ୍ପତ୍ତି ଅନୁଯାୟୀ ଏହା ସ୍ପଷ୍ଟ ଯେ ଚାଳିଘରଟି ଏପ୍ରିଲ 1, 1962 ପରେ ନିର୍ମିତ ହୋଇଥିଲା । ସେହି ପରିସ୍ଥିତିରେ, କର୍ତ୍ତୃପକ୍ଷ ଉକ୍ତ କ୍ଷମତାର ପ୍ରୟୋଗ କରିବା ସମ୍ପୂର୍ଣ୍ଣ ଯଥାର୍ଥ ଥିଲା । ଆମେ ଏହି ଆଦେଶରେ କୌଣସି ବେଆଇନତା ପାଉନାହୁଁ ଯାହା ହସ୍ତକ୍ଷେପର ଆବଶ୍ୟକତା ରଖେ ।

ତଦନୁସାରେ ଅପିଲଟିକୁ ଖାରଜ କରାଗଲା । କୌଣସି ଖର୍ଚ୍ଚ ଧାର୍ଯ୍ୟ କରାଯାଉନାହିଁ ।

ଜି.ଏନ୍.                                                  ଅପିଲ ଖାରଜ ହେଲା ।

**ଅସ୍ବୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

*ଭାଷାନ୍ତର :*

**ଅମରେଶ୍ୱର ମିଶ୍ର, ଅନୁବାଦକ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।**